**ELECTION URGENT**

**ELECTION URGENT**
**BY FAX/E-MAIL**


**ରାଜ୍ୟ ନିର୍ବାଚନ ଆୟୋଗ ,ଓଡିଶା**

**ତୋଷାଲୀ ଭବନ,ବି-୨ ,ପ୍ରଥମ ମହଲା,ସତ୍ୟ ନଗର,**

**ଭୁବନେଶ୍ୱର-୭୫୧୦୦୭**

E-mail ID – stateelectioncommission.odisha@gmail.com
Fax No. 0674-2573494


# ଆଦେଶ

ସଂଖ୍ୟା ୩୨୨୯ / ରା.ନି.ଆ                    ତା୧୪/୧୧/[illegible]ରିଖ

ଯେହେତୁ ସମସ୍ତ ତ୍ରି-ସ୍ତରୀୟ ପଞ୍ଚାୟତ ଅନୁଷ୍ଠାନର ନିର୍ବାଚନ ଅଧିକ୍ଷଣ, ନିର୍ଦ୍ଦେଶନାମା ଓ ନିୟନ୍ତ୍ରଣ କ୍ଷମତା ଭାରତ ସମ୍ବିଧାନର ଧାରା ୨୪୩-କେ ରେ ରାଜ୍ୟ ନିର୍ବାଚନ ଆୟୋଗଙ୍କ ଉପରେ ନ୍ୟସ୍ତ କରାଯାଇଅଛି ;

ଏବଂ ଯେହେତୁ, ପଞ୍ଚାୟତ ନିର୍ବାଚନକୁ ଉଚିତ୍ ମାର୍ଗରେ ପରିଚାଳନା କରିବା ନିମନ୍ତେ ନିର୍ବାଚନ କମିଶନ ସମ୍ବିଧାନର ୨୪୩-କେ ଧାରାରେ କ୍ଷମତାପ୍ରାପ୍ତ ହୋଇଅଛନ୍ତି, ତେଣୁ ଜିଲ୍ଲା ପରିଷଦ, ପଞ୍ଚାୟତ ସମିତି ଓ ସରପଞ୍ଚ ପଦବୀ ପ୍ରାର୍ଥୀଙ୍କ ନିର୍ବାଚନ ପ୍ରଚାର କାର୍ଯ୍ୟରେ ବ୍ୟବହାର କରୁଥିବା ଯାନ ଉପରେ ନିମ୍ନମତେ ସୀମା ଧାର୍ଯ୍ୟ କରୁଛନ୍ତି ।

| ପ୍ରାର୍ଥୀ | ବ୍ୟବହୃତ ହେବାକୁ ଥିବା ବାହନ | |
|---|---|---|
| | ଜିପ୍ ବା କାର | ମୋଟର ସାଇକଲ |
| ଜିଲ୍ଲା ପରିଷଦ ସଦସ୍ୟ | ୫ | ୧୦ |
| ପଞ୍ଚାୟତ ସମିତି ସଦସ୍ୟ | ୨ | ୫ |
| ସରପଞ୍ଚ | ୨ | ୫ |

ଗାଡି ଓ ମୋଟର ସାଇକେଲ୍ ଧାର୍ଯ୍ୟ ସୀମା ମଧ୍ୟରେ ଅଟୋ ରିକ୍ସା ମଧ୍ୟ ବ୍ୟବହାର କରାଯାଇପାରିବ । ମୋଟର ଯାନ ବ୍ୟବହାର ଦିନଠାରୁ ଜିଲ୍ଲା ପରିଷଦ ପ୍ରାର୍ଥୀ ଯାନର ପ୍ରକାର, ତାହାର ପଞ୍ଜିକରଣ ନମ୍ବର, ଗାଡି ମାଲିକଙ୍କ ନାମ ଉପ-ଜିଲ୍ଲାପାଳଙ୍କୁ ଏବଂ ପଞ୍ଚାୟତ ସମିତି ଓ ସରପଞ୍ଚ ପ୍ରାର୍ଥୀ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇବେ । ଏହି ତଥ୍ୟର ତିନୋଟି ନକଲ ଦାଖଲ କରାଯିବ । ତଥ୍ୟର ଗୋଟିଏ ନକଲ ଉପ-ଜିଲ୍ଲାପାଳ /ଗୋଷ୍ଠୀ ଉନ୍ନୟନ ଅଧିକାରୀ ନିକଟସ୍ଥ ମୋଟର ଯାନ କର୍ତ୍ତୃପକ୍ଷଙ୍କୁ ଦେବେ ଓ ଅନ୍ୟଟି ନିଜ ପାଖରେ ରଖିବେ । ତୃତୀୟ ନକଲଟିରେ ଉପ-ଜିଲ୍ଲାପାଳ/ଗୋଷ୍ଠୀ ଉନ୍ନୟନ ଅଧିକାରୀ ବା ତାଙ୍କ କ୍ଷମତାସମ୍ପନ୍ନ ଅଧିକାରୀ ସ୍ୱାକ୍ଷର ଓ ଅଫିସ୍ ମୋହର ଲଗାଇ ପ୍ରାର୍ଥୀଙ୍କୁ ଫେରାଇ ଦେବେ । ମୋଟର ଯାନ ଅଧିକାରୀ ଗୋଟିଏ ରେଜିଷ୍ଟରରେ ସମସ୍ତ ତଥ୍ୟ ଲିପିବଦ୍ଧ କରିବେ । କୌଣସି ସମୟରେ ନିର୍ବାଚନ ଅଧିକାରୀ

କିମ୍ବା ତାଙ୍କ ଦ୍ୱାରା କ୍ଷମତାସମ୍ପନ୍ନ ଅଧିକାରୀ ଏହି ତଥ୍ୟ ଆବଶ୍ୟକ କଲେ, ପ୍ରାର୍ଥୀ ତଦାରଖ ନିମନ୍ତେ ତାହା ଉପସ୍ଥାପନ କରିବେ । ମୋଟର ଯାନ ସଂକ୍ରାନ୍ତୀୟ ସମସ୍ତ ଖର୍ଚ୍ଚ, ନିର୍ବାଚନ ଖର୍ଚ୍ଚ ସୀମା ମଧରେ ସୀମିତ ରହିବ । ପ୍ରଚାର କାର୍ଯ୍ୟରେ ବ୍ୟବହୃତ ମୋଟର ଯାନ ଭୋଟ ଆରମ୍ଭ ହେବାର ୩୬ ଘଣ୍ଟା ପୂର୍ବରୁ ମୁକ୍ତ କରାଯାଇ ନିର୍ବାଚନ ଅଧିକାରୀଙ୍କୁ ଜଣାଇ ଦିଆଯିବ ।

ଏହି ଆଦେଶ ଅବମାନନାକୁ କମିଶନଙ୍କ ଦ୍ୱାରା ଜାରି ହୋଇଥିବା ନିର୍ବାଚନ ଆଚରଣ ବିଧିର ଉଲ୍ଲଙ୍ଘନ ଧରାଯିବ । ଏହି ଆଦେଶ ନିର୍ଗମନ ଦିନରୁ ଲାଗୁ କରାଯିବ ।

ରାଜ୍ୟ ନିର୍ବାଚନ କମିଶନଙ୍କ
ଆଦେଶାନୁସାରେ ଓ ନାମାନୁସାରେ

(ରବୀନ୍ଦ୍ର ନାଥ ସାହୁ)
ସଚିବ

ଜ୍ଞାପକ ସଂଖ୍ୟା ୩୨୭୦/ରା.ନି.ଆ. ତା ୧୫/୧୧/୨୦୨୧ ରିଖ

ଏହାର ନକଲ ନିର୍ଦ୍ଦେଶକ, ମୁଦ୍ରଣ, ଲିଖନ ଓ ପ୍ରକାଶନ, ଓଡିଶା, କଟକଙ୍କୁ ପଠାଯାଇ ଅସାଧାରଣ ଓଡିଶା ଗେଜେଟ୍ ରେ ପ୍ରକାଶନ କରି ୧,୦୦୦ କିତା ନକଲ ଯୋଗାଇଦେବାକୁ ଅନୁରୋଧ ।

ସଚିବ

ଜ୍ଞାପକ ସଂଖ୍ୟା ୩୨୭୧/ରା.ନି.ଆ. ତା ୧୫/୧୧/୨୦୨୧ ରିଖ

ଏହାର ନକଲ ପ୍ରମୁଖ ସଚିବ, ପଞ୍ଚାୟତି ରାଜ ଓ ପାନୀୟ ଜଳ ବିଭାଗଙ୍କ ଅବଗତି ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ସଚିବ

ଜ୍ଞାପକ ସଂଖ୍ୟା ୩୨୭୨/ରା.ନି.ଆ. ତା ୧୫/୧୧/୨୦୨୧ ରିଖ

ଏହାର ନକଲ ସମସ୍ତ ଜିଲ୍ଲାପାଳ/ଉପ-ଜିଲ୍ଲାପାଳ/ଜିଲ୍ଲା ପଞ୍ଚାୟତ ଅଧିକାରୀ/ ମଣ୍ଡଳ ଉନ୍ନୟନ ଅଧିକାରଙ୍କ ଅବଗତି ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ସଚିବ

ଜ୍ଞାପକ ସଂଖ୍ୟା ୩୨୭୩/ରା.ନି.ଆ. ତା ୧୫/୧୧/୨୦୨୧ ରିଖ

ଏହାର ନକଲ ସମସ୍ତ ରାଜନୈତିକ ଦଳଙ୍କ ଅବଗତି ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ସଚିବ